भारतीय प्रौद्योगिकी संस्थान भुवनेश्वर
**Indian Institute of Technology Bhubaneswar**

**Press Release**

# ଜର୍ମାନୀରେ ଉଚ୍ଚ ଶିକ୍ଷା ନିମନ୍ତେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଡାଡ୍ ପ୍ରତିନିଧି ଦଳଙ୍କ ଆଇଆଇଟି ଭୁବନେଶ୍ୱର ଗସ୍ତ

**ଭୁବନେଶ୍ୱର, ୬ ନଭେମ୍ବର ୨୦୨୩:** ଜର୍ମାନୀରେ ଉଚ୍ଚ ଶିକ୍ଷାର ସୁଯୋଗ ଓ ସମ୍ଭାବନା ନିମନ୍ତେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଡଏଚର୍ ଆକାଡେମିଶର୍ ଆଷ୍ଟାଉସ୍ଡିଏନଷ୍ଟ (ଡାଡ୍)-(DAAD) ର ଏକ ଦୁଇଜଣିଆ ପ୍ରତିନିଧିଦଳ ୫ ନଭେମ୍ବର ୨୦୨୩ ରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଗସ୍ତ କରିଛି । ଡାଡ୍, ଇଣ୍ଡିଆର ଉପ ନିର୍ଦ୍ଦେଶକ, ମାର୍କେଟିଂ ମୁଖ୍ୟ ଶ୍ରୀ ଅପୂର୍ବ ମହେନ୍ଦ୍ରୁ ଏବଂ ଡାଡ୍, ଇଣ୍ଡିଆର ସ୍କଲାରସିପ ପ୍ରୋଗ୍ରାମ ଅଫିସର ଇଷିକା ଡି'ମୋଣ୍ଟି ଏହି ଅବସରରେ, ଆଇଆଇଟି ଭୁବନେଶ୍ୱରର ଡିନ୍, ବିଭିନ୍ନ ସ୍କୁଲର ମୁଖ୍ୟ ଏବଂ ଛାତ୍ରଛାତ୍ରୀମାନଙ୍କ ସହ ବିଶଦ ଆଲୋଚନା କରି ଜର୍ମାନୀର ବିଭିନ୍ନ ବିଶ୍ୱବିଦ୍ୟାଳୟ ତଥା ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷା ଓ ଗବେଷଣା ସମ୍ବନ୍ଧୀୟ ସୁବିଧାସୁଯୋଗ ସମ୍ପର୍କରେ ପ୍ରେଜେଣ୍ଟେସନ ମାଧ୍ୟମରେ ଉଲ୍ଲେଖ କରିଥିଲେ।

ଏହି ଅବସରରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କର୍ମାଲକର ଉଭୟ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ ଏବଂ ପ୍ରତିଷ୍ଠାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବିବରଣୀ ଦେବା ସହ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗବେଷଣା ଓ ବୈଷୟିକ ନବୀନତ୍ୱ ଦିଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଡାଡର ଦୁଇଜଣିଆ ପ୍ରତିନିଧି ଦଳ, ଜର୍ମାନୀର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ମେଧାବୃତ୍ତି ଓ ଅନ୍ୟାନ୍ୟ ସୁବିଧାସୁଯୋଗ ବିଷୟରେ ଜଣାଇଥିଲେ। ସେମାନେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେମାନଙ୍କ ସନ୍ଦେହର ସମାଧାନ ମଧ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜର୍ମାନୀର ବିଭିନ୍ନ ବିଶ୍ୱବିଦ୍ୟାଳୟ ତଥା ଗବେଷଣା ପ୍ରତିଷ୍ଠାନ ସହ ସହଭାଗିତାର ପ୍ରସାର ନିମନ୍ତେ ୩୦ ଜୁନ ୨୦୨୩ରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଡାଡ୍ ସହ ଏକ ୩ ବର୍ଷିଆ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଆଇଆଇଟି ଭୁବନେଶ୍ୱର ବିଶ୍ୱସ୍ତରୀୟ ମାନାଙ୍କ ଅନୁଯାୟୀ ଶିକ୍ଷାବିତ୍ ତଥା ଅନୁସନ୍ଧାନରେ ଉତ୍କର୍ଷ ହେବା ପାଇଁ ଛାତ୍ରମାନଙ୍କ ପାଇଁ ଉତ୍ତମ ଜ୍ଞାନ ଏବଂ ଜ୍ଞାନର ଏକ ପ୍ଲାଟଫର୍ମ ପ୍ରଦାନ କରିବାକୁ ଆନ୍ତର୍ଜାତୀୟ ସହଯୋଗ ଉପରେ ଗୁରୁତ୍ୱ ଦେଉଛି। ଏହାର ଆନ୍ତର୍ଜାତୀୟ ସମ୍ପର୍କର ଏକ ଅଂଶ ଭାବରେ, ଅନୁଷ୍ଠାନ ବହୁ ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସହିତ ମିଳିତ ଅନୁସନ୍ଧାନ ଏବଂ ଆନ୍ତର୍ଜାତୀୟ ଛାତ୍ର ଏବଂ ଅଧ୍ୟାପକ ବିନିମୟ ପାଇଁ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷର କରିଛି।

ଏହି ଗସ୍ତ ଅବସରରେ, ଆଇଆଇଟି ଭୁବନେଶ୍ୱରର ଆସୋସିଏଟ୍ ଡିନ୍ (ଆଲୁମିନି ଆଫେୟାର୍ସ ଏବଂ ଇଣ୍ଟରନ୍ୟାସନାଲ ରିଲେସନ୍ସ) ଡଃ ଆଶିଷ ବିଶ୍ୱାସ ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

------------------